

## ୧୯ ବର୍ଷ ● ୮ମ ସଂଖ୍ୟା ● ଫେବୃଆରୀ ୨୦୧୯

**ରିପୋର୍ଟ:** କାଦମ୍ବିନୀ ସାହିତ୍ୟ ମହୋତ୍ସବ
**ଆଳାପ:** ମୋ କବିତା ସତ୍ୟର ଫଳ: ପ୍ରଫେସର ଆର୍ନେଷ୍ଟୋ କାହାନ୍
**କାଳଜୟୀ:** ଦୁର୍ବଳ ଦେବାଳୟ
**ସ୍ୱାସ୍ଥ୍ୟ:** ଡିମ୍ବକୋଷର କର୍କଟରୋଗ
**ଅଳ୍ପ ଆଳାପ:** ଜିମି ପରାଶର
**ସାହିତ୍ୟ :** ୬ଟି ଗଳ୍ପ, ୧୬ଟି କବିତା
**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

### ବାତାୟନ

### ଲେଖିକା : ଇତି ସାମନ୍ତ

ତରବର ହେଇ ଗୋଟେ ପରେ ଗୋଟେ କାମ କରି ଚାଲିଥିଲି ମୁଁ। ସମୟ ଯେତିକି ଗଡ଼ିଚାଲିଥିଲା, ସେତିକି ସେତିକି ବ୍ୟସ୍ତତା ବଢୁଥିଲା ମୋର। ମୁଣ୍ଡ ଉପରେ ଥିଲା ବହୁତ କାମର ବୋଝ। ଅବଶ୍ୟ ମୋତେ କାମରେ ସାହାଯ୍ୟ କରୁଥିଲା ବାତାପି। କିନ୍ତୁ ସବୁର ଦାୟିତ୍ୱ ଥିଲା ମୋ ଉପରେ।

### ରିପୋର୍ଟ

### କାଦମ୍ବିନୀ ସାହିତ୍ୟ ମହୋତ୍ସବ

୨୦୧୯ ଜାନୁଆରୀ ୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଷୋଡ଼ଶ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', ଏକାଦଶ 'କାଦମ୍ବିନୀ ପତ୍ରିକା ହାଟ', 'କବି ଓ କବିତା' ଓ 'କୁନାକୁନି ମେଳା'। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନବୀନ ପ୍ରବୀଣ ସାହିତ୍ୟିକଙ୍କ ସମେତ ପତ୍ରିକା ପ୍ରକାଶକ, ସମ୍ପାଦକ ଓ ପ୍ରକାଶନ ସଂସ୍ଥା ଯୋଗ ଦେଇଥିଲେ। 'କାଦମ୍ବିନୀ'ର ଏହି ସାରସ୍ୱତ କୁମ୍ଭମେଳାର ଖବର ତା'ର ପ୍ରିୟ ପାଠକପାଠିକାମାନଙ୍କ ପାଇଁ।

### ଆଳାପ : ମୋ କବିତା ସତ୍ୟର ଫଳ: ପ୍ରଫେସର ଆର୍ନେଷ୍ଟୋ କାହାନ୍

ଚିକିତ୍ସା ଶାସ୍ତ୍ର, ସାହିତ୍ୟ ଓ ସମାଜସେବାର ଜଣେ ବିଶ୍ୱବିଦିତ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରଫେସର ଆର୍ନେଷ୍ଟୋ କାହାନ୍। ବିଶ୍ୱ ମାନବ ସେବା ପ୍ରତି ସମର୍ପିତ ପ୍ରଫେସର କାହାନ୍ ଦୀର୍ଘ ବର୍ଷ ହେଲା ବିଶ୍ୱ ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ କାର୍ଯ୍ୟ କରି ଆସୁଛନ୍ତି। ସବୁଠୁ ଉଲ୍ଲେଖନୀୟ ବିଷୟ ହେଉଛି, ପ୍ରଫେସର କାହାନ୍ ଉପାଧକ୍ଷ ଥିବା ଅନ୍ତର୍ଜାତୀୟ ସଙ୍ଗଠନ 'International Physicians for prevention of Nuclear War (IPPNW)' ୧୯୮୫ ମସିହାରେ ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲା। କେବଳ ସେତିକି ନୁହେଁ, ଜଣେ କବି ଭାବେ ମଧ୍ୟ ତାଙ୍କର ବେଶ୍ ପ୍ରସିଦ୍ଧି ରହିଛି। ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ଏଯାବତ୍ ସେ ରଚନା କରିସାରିଲେଣି। ପେସାରେ ଡାକ୍ତର, ନିଶାରେ କବି ଓ ସମାଜସେବୀ ପ୍ରଫେସର ଆର୍ନେଷ୍ଟୋ କାହାନ୍ଙ୍କ ପ୍ରସିଦ୍ଧି ବିଶ୍ୱବ୍ୟାପୀ। ପ୍ରଫେସର କାହାନ୍ଙ୍କ ସହ ସେହି ସ୍ୱଳ୍ପ ସମୟର ସାକ୍ଷାତ ଆଲୋଚନା ଏଠାରେ 'କାଦମ୍ବିନୀ'ର ପ୍ରିୟ ପାଠକମାନଙ୍କ ନିମନ୍ତେ। ଇତି ସାମନ୍ତ

### ଅନୁବାଦ କବିତା:

ଏଥର ଅନୁବାଦ କବିତାରେ ରହିଛି ମୂଳ ଉର୍ଦ୍ଦୁ: ଗୌହର ରାଜା, ଅନୁବାଦ: ପ୍ରବାସିନୀ ମହାକୁଡ଼ଙ୍କ 'ହରିଦ୍ରା ପତ୍ରର ବର୍ଣ'; ମୂଳ ଇଂରାଜୀ: ଅଶ୍ୱିନୀ କୁମାର, ଅନୁବାଦ: ରବୀନ୍ଦ୍ର ବିଶ୍ୱାଳଙ୍କ 'ଆଲାମ ଓ ଗାଲିବ କୁରଦିନ୍ ପାଇଁ'; ମୂଳ ହିନ୍ଦୀ: ଅନୁରାଧା ସିଂହ, ଅନୁବାଦ: ପ୍ରବାସିନୀ ମହାକୁଡ଼ଙ୍କ 'କ'ଣ ଭାବୁଥିବ ଦୁନିଆ'।

### କବିତା

ଏଥର କବିତାରେ ରହିଛି: ମମତା ଦାଶଙ୍କ 'ଧ୍ୱନି', ସୌଭାଗ୍ୟବନ୍ତ ମହାରଣାଙ୍କ 'ଦୃଶ୍ୟ ବଦଳୁଥାଏ', ହୁସେନ ରବିଗାନ୍ଧୀଙ୍କ 'ଚିତ୍ରକୋଣ୍ଡାରେ ଚିତ୍ର ଆଙ୍କୁଚି ଅନାମିକା, ଅପର୍ଣ୍ଣା ମହାନ୍ତିଙ୍କ 'ଧୂଆଁ', ପ୍ରବାସିନୀ ମହାକୁଡ଼ଙ୍କ 'କଳା-ଧଳା ଫଟୋଗ୍ରାଫ', ହୃଷୀକେଶ ମଲ୍ଲିକଙ୍କ 'କଥା, ଖାଲିକଥା', ବୀଣାପାଣି ପଣ୍ଡାଙ୍କ ପନୁର୍ବିନ୍ୟାସ, ସୂର୍ଯ୍ୟ ମିଶ୍ରଙ୍କ 'ପଲଙ୍କ', ସୁଚେତା ମିଶ୍ରଙ୍କ 'ବିକଳ୍ପ: ଏକ ଦାବି', ସୁରେଶ ନାୟକଙ୍କ 'ଆଲାରାମ୍', ରବି ଶତପଥୀଙ୍କ 'ଭୋକ', ସାବିତ୍ରୀ କବିଙ୍କ 'ଝିଅର ଚିତ୍ରଖାତା' ଏବଂ ଏମ୍. ହିମାଂଶୁ ଆଚାରୀ 'ଝିଅ'।

### କାଳଜୟୀ:

### ରାଜକିଶୋର ରାୟ

ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତ ରାଜକିଶୋରଙ୍କ ପାଖରେ ଋଣୀ। ଜାଣି ଆଶ୍ଚର୍ଯ୍ୟ ହେବେ ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା କବିତାରୁ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିପ୍ଳବ ଆଣିଥିଲେ। ସାହିତ୍ୟର ପ୍ରାୟ ସବୁ କ୍ଷେତ୍ରରେ ନିଜର ପଦଚିହ୍ନ ଛାଡ଼ିଯାଇଥିଲେ ମଧ୍ୟ ଜଣେ ଅନନ୍ୟ ଗଳ୍ପସ୍ରଷ୍ଟା ଭାବରେ ଓଡ଼ିଆ ସାହିତ୍ୟ ତାଙ୍କୁ ମନେରଖିଛି। - ସମ୍ପାଦିକା

## 'ଦୁର୍ବଳ ଦେବାଳୟ'ର ସବଳ ସ୍ୱୀକାରୋକ୍ତି

### ଲେଖକ: ନାରାୟଣ ସାହୁ

ସେତ କେବଳ ଲେଖୁନାହାନ୍ତି, ଗଳ୍ପ ହିଁ ଲେଖି ଚାଲିଛି ତାଙ୍କୁଇ- ଆଉ ସେ ଲେଖି ଚାଲିବାର ବିଶ୍ରାମ ନାହିଁ କି ଅନ୍ତ ନାହିଁ- ଅସରନ୍ତି ସେଇ କାହାଣୀ। ଏହା ଥିଲା ରାଜକିଶୋର ରାୟଙ୍କ ଗଳ୍ପ ସଂପର୍କରେ ପ୍ରତିଷ୍ଠିତ କଥାକାର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମନ୍ତବ୍ୟ।

## ଦୁର୍ବଳ ଦେବାଳୟ

### ଲେଖକ: ରାଜକିଶୋର ରାୟ

ବିଚିତ୍ର ଜୀବନର ବିଚିତ୍ର ଧାରା କେତେ କୁଆଡ଼େ ଭାସିଯାଇଛି। ଛୋଟ ହେଉ ବଡ଼ ହେଉ, ମଣିଷର ଜୀବନ ଗୋଟିଏ ପ୍ରଶସ୍ତ ଗନ୍ତାଘର। ମଣିମାଣିକ୍ୟଠାରୁ ଆରମ୍ଭ କରି ଅତି ତୁଚ୍ଛ ପଦାର୍ଥର ସଂସାରରେ ଏହା ପରିପୂର୍ଣ୍ଣ ହୁଏ ବୋଲି ଜୀବନ ଏତେ ସୁନ୍ଦର, ପୁଣି ଏତେ କୁତ୍ସିତ।

## ଗଳ୍ପ : ଅଶ୍ୱଗତି

### ଲେଖକ : ସରୋଜ ମିଶ୍ର

ପଛରେ ରହିଗଲା ସାଂସାରିକ ମୋହ, ମାୟା, ବନ୍ଧନ, ଆସକ୍ତି, ଜ୍ଞାନ ପାଇଁ ଦଉଡ଼ର ଅଜ୍ଞାନତା। ଧନ ଦରବ ବଢ଼େଇବାକୁ ଯେତେ ମୂର୍ଖତା। ବିଦ୍ୟାଲାଗି ଯେତେସବୁ ଅବିଦ୍ୟା। ସୁଖ ପାଇଁ କ୍ଷଣିକ ଆହ୍ଲାଦ, ଦୁଃଖ ଯନ୍ତ୍ରଣା ଯାତନାକାତର ମଣିଷର ଅସହାୟତା ଇତ୍ୟାଦି... ମୁହୂର୍ତ୍ତ ପରେ ମୁହୂର୍ତ୍ତ ମାନସପଟରେ ତାଙ୍କର ପ୍ରତିଫଳିତ ହେଉଥିଲା ବାର୍ଦ୍ଧକ୍ୟ, ରୋଗ, ଯନ୍ତ୍ରଣା ଆଉ ମୃତ୍ୟୁର ଚରମ ବିଭୀଷିକା।

## ଗଳ୍ପ : ଚାରିଟି ମିନି କଥା

### ଲେଖକ: ଶିବ ମିଶ୍ର

ଏଇଲାଗେ କି ଆଉ ଟିକକୁ ପ୍ରାଣ ଛାଡ଼ିବା ଅବସ୍ଥାରେ ପଡ଼ିଥିବା ସ୍ତ୍ରୀ- ତା' ପାଖରେ ମୁହଁ ପୋତି ଠିଆ ହୋଇଥିବା ସ୍ୱାମୀକୁ କହିଲା, "ଶୁଣ, ମୁଁ ଗଲାପରେ ତମେ ଆଉ ଜଣକୁ ବାହା ହେବ। ନ ହେଲେ ଚଳିବ କେମିତି ? ହେଲେ ଏବେ ମୋତେ ଖୁଆଇଲା ପରି ତାକୁ କେବେ ବି ବିଷ ଖୁଆଇବନି। ତମକୁ ମୋ ରାଣ।"

## ଗଳ୍ପ : ବିରଳ ବିଦ୍ରୋହ

### ଲେଖିକା : ବାସନ୍ତୀ ମହାନ୍ତି

ଏ ନିଆଁ ଲଗା ଦେହଟାର ବି ତ ଭୋକ ଥିଲା, ସେଇ ଭୋକର ଦାଉରେ କେତେବେଳେ ମୁଁ କାହା ପାଖେ ଆଉଜି ପଡ଼ିଛି ତ ଆଉ କିଏ ମତେ ଆଉଜେଇ ନେଇ ତା' ଭୋକର ଦାଉ ମେଣ୍ଟେଇଛି। ମୋତେ ଆଦର ଯତ୍ନ କରିଛି। ପେଟର ଭୋକ ପରି ଦେହର ଭୋକ ବି ଭାରି ପରପଞ୍ଚ ମାଆ ! ତାରି ତାଡ଼ନାରେ ମୁଁ ଅବାଟରେ ପାଦ ଦେଇଛି, ଏବେ କାହା ପାଖରେ କାନିପାତି ମୁଁ ଭିକ ମାଗିବି ମୋ ପିଲାର ବାପ ହେବାପାଇଁ ?

## ଗଳ୍ପ : ମାଟି ମୋହ

### ଲେଖକ : ମନୋଜ ମହାନ୍ତି

ସୁକୁମାରୀ ଜାଣେ ସର୍କାରୀ ବାବୁ, ପୋଲିସ୍ ବାବୁ ସବୁ ଥିଲାବାଲାର... ତାଙ୍କ ବେଳକୁ ସମସ୍ତେ ଗରମ ଦେଖାଇବେ... ଭାଉ ଖାଇବେ। ହେଲେ ପିଆଜ ଅମଳର ଆଗରୁ ଅଦିନ ବର୍ଷାରେ ଅଧା ପିଆଜ ମାଟିରେ ମିଶିଲା ଯା' ଯେମିତି ରହିଲା ସାଉକାର ସୁଧମୂଳକୁ ମିଶାଇ ବିଡ଼ି ଖଇନି ଦାମ୍‌ରେ ଉଠାଇ ନେଲା ଘରଘର ବୁଲି।

## ଅନୁବାଦ ଗଳ୍ପ : ହିରୋଶିମାର ନିଆଁ

### ମୂଳ ଜାପାନୀ: ତୋଷୀ ମାରୁକି

### ଅନୁବାଦ : ମାୟାଧର ସ୍ୱାଇଁ

ମୀ ବାପାର ଶରୀରରେ ସାତଟି କ୍ଷତ ଥିଲା। କିନ୍ତୁ ଏହା ଧୀରେଧୀରେ ଶୁଖିଗଲା ଏବଂ ସେ ଭାବିଲେ ଯେ ସେ ସୁସ୍ଥ ହୋଇଗଲେ। ମାତ୍ର ବୋମା ପଡ଼ିବାର ଅଳ୍ପ କିଛି ଦିନ ପରେ ଦିନେ ତାଙ୍କ ମୁଣ୍ଡରୁ କେଶ ଝଡ଼ି ପଡ଼ିଲା ଓ ସେ ରକ୍ତ ବାନ୍ତି କଲେ। ତାଙ୍କ ସାରା ଶରୀରରେ ଲାଲ୍‌ରଙ୍ଗର ଦାଗ ଦେଖାଦେଲା ଏବଂ ସେ ମରିଗଲେ।

## ଭ୍ରମଣ କାହାଣୀ: ମୋ ଝର୍କାର ପୃଥିବୀ (୧୮)

(ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ 'ସୁଚରିତା'ରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା)

## ଅନ୍ତ ଆଳାପ: ଜିମି ପରାଶର

'କାଦମ୍ବିନୀ'ର ଚଳିତ ସଂଖ୍ୟାର ପ୍ରଚ୍ଛଦ ଶିଳ୍ପୀ ହେଉଛନ୍ତି ଜାତୀୟସ୍ତରର ମଡେଲ୍ ତଥା ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗୀ ଜିମି ପରାଶର। ଭାଗଲପୁରର ଝିଅ ଜିମି ଗତବର୍ଷ 'ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ'ରେ ପ୍ରଥମ ରନର୍ସ ଅପ୍ ହୋଇଥିଲେ। ଚଳିତ ମାସ ଜିମିଙ୍କର ଜନ୍ମମାସ। ଜଣେ ଭଲ ଭଲିବଲ ଖେଳାଳିଭାବେ ମଧ୍ୟ ତାଙ୍କର ସୁନାମ ରହିଛି। 'କିଟ'ର ଛାତ୍ରୀ ଜିମିଙ୍କ ସହ 'କାଦମ୍ବିନୀ'ର ଏହି ଅନ୍ତ ଆଳାପ।

## ସୌନ୍ଦର୍ଯ୍ୟ: ବିବାହର ରୂପ ଶୃଙ୍ଗାର

ବିବାହ ଏକ ବନ୍ଧନ ନୁହେଁ, ଏକ ସୁଦୃଢ଼ ସମ୍ପର୍କର ମୂଳଦୁଆ। କୁହାଯାଏ, ଏହା ଏକ ଜନ୍ମଜନ୍ମାନ୍ତରର ସମ୍ପର୍କ। ତେଣୁ ବିବାହ ସମୟରେ ପୁଅ ହୁଅନ୍ତୁ ବା ଝିଅ, ସମସ୍ତେ ନିଜ ନିଜ ସୌନ୍ଦର୍ଯ୍ୟକୁ ନେଇ ହୋଇଯାନ୍ତି ବିଶେଷ ସଚେତନ। ବିବାହର ପାରମ୍ପରିକ ତଥା ଆଧୁନିକ ରୂପ ଶୃଙ୍ଗାରକୁ ନେଇ 'କାଦମ୍ବିନୀ'ର ଏହି ସୌନ୍ଦର୍ଯ୍ୟାଲେଖ୍ୟ। ଉପସ୍ଥାପନା: ଅମ୍ରିତା ମହାନ୍ତି

## ସ୍ୱାସ୍ଥ୍ୟ: ଡିମ୍ବକୋଷର କର୍କଟରୋଗ

### ଲେଖିକା : ଡ. ସରୋଜିନୀ ଷଡ଼ଙ୍ଗୀ

ଡିମ୍ବକୋଷର କର୍କଟ ବା ଓଭାରିଆନ୍ କ୍ୟାନ୍‌ସର ଏକ ମାରାତ୍ମକ ରୋଗ। ଏହାକୁ ଏକ ନୀରବ ଘାତକ ବୋଲି କୁହାଯାଇପାରେ। ତେବେ କାହିଁକି ଏହି ରୋଗ ଶରୀରକୁ ଆକ୍ରମଣ କରେ ? କ'ଣ ସବୁ ଏହାର ଲକ୍ଷଣ ? କେମିତି କରିପାରିବା ଏହାର ପ୍ରତିକାର ? ଏଥିପାଇଁ କ'ଣ ସବୁ ଚିକିତ୍ସା କରାଯାଇପାରିବ ? ଏସବୁକୁ ନେଇ ଏହି ସ୍ୱାସ୍ଥ୍ୟଲେଖ୍ୟ।

## ପୁସ୍ତକ ପରିକ୍ରମା

ଏଥର ପୁସ୍ତକ ପରିକ୍ରମାରେ ରହିଛି: ବ୍ରଜନାଥ ରଥଙ୍କ କାବ୍ୟବିଶ, କଥା ହିଁ କଥା, ନିଃଶବ୍ଦ କୋଳାହଳ, ପୁନରପି କୁରୁକ୍ଷେତ, ଅମୃତ ଅନୁଭବ, ବଳୟ ଧାରର ମଣିଷ, ଅନିର୍ବାଣ ଜ୍ୟୋତ, ଲଢ଼େଇ, ମେଘ ସଞ୍ଚାର ଏବଂ ମନ କାନଭାସ୍।

## ମନୋରଞ୍ଜନ

ଚକ୍‌ଲେଟ୍ ୨, ସେଲ୍‌ଫିସ୍ ଦିଲ୍, ପ୍ରେମ ପାଇଁ ମହାଭାରତ, ବିଶ୍ୱରୂପ ଏବଂ କଟିପତଙ୍ଗ।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି: ରାଜଧାନୀ ପୁସ୍ତକ ମେଳା, ରାଜାରାଣୀ ସଙ୍ଗୀତ ମହୋତ୍ସବ, ଗୀତରେ ୮ ଦଶନ୍ଧି, ହୋପ୍-୨୦୧୯ ଏବଂ ଅଭିନନ୍ଦନିକା ସମାରୋହ।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: କନ୍ଦମୂଳ ପୁଳି, ପୁର ପାଉଁରୁଟି, ମସଲା ପୋଟଳ ଭଜା, ମୂଳା, ମଇଦା ମଠୁରୀ, ପସାରୁଣୀ ପତ୍ର ପକୁଡ଼ି ଏବଂ ନଡ଼ିଆ ପକୁଡ଼ି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ଚର୍ମରୋଗ

**ଚର୍ମରୋଗ ସାଧାରଣତଃ ଚର୍ମର ଉପରି ଭାଗରେ ଦେଖାଯାଇଥାଏ। ଏହି ରୋଗରେ ଚର୍ମ କୁଣ୍ଡେଇ ହୋଇ ଲାଲ ପଡ଼ିଯାଇଥାଏ କିମ୍ବା ବେଳେବେଳେ ଲାଲ୍‌ଲାଲ୍ ଫୋଟକା ପରି ହୋଇ ଚର୍ମରେ ନାଲି ପରେ କଳା ଦାଗ ପଡ଼ିଯାଏ। ଏହାକୁ ଏକ ସାଧାରଣ ସମସ୍ୟା ରୂପେ ଲୋକେ ଭାବିଥାନ୍ତି ମାତ୍ର ଏହା ଏକ ସାଧାରଣ ସମସ୍ୟା ବୋଲି ବିଚାର କରିବା ଠିକ୍ ନୁହେଁ। ଏଥର 'କାଦମ୍ବିନୀ' ସ୍ୱାସ୍ଥ୍ୟ ସୂଚନା ପୃଷ୍ଠାରେ ଏହି ଚର୍ମରୋଗ ସମ୍ପର୍କରେ କିଛି।**

## ରାଶିଗଣନା ଓ ତିଥି-ବାର-ବେଳା

ଫେବୃଆରୀ ମାସର ରାଶିଫଳ ସାଙ୍ଗକୁ ଫେବୃଆରୀ ଓ ମାର୍ଚ୍ଚ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

■■■